# ସତ୍ୟବାଣୀ

# THE VOICE OF TRUTH

Mar & Apr, 2000

AN ORIYA BIMONTHLY BULLETIN
PUBLISHED BY THE CHURCH OF CHRIST

# The Voice of Truth


CHURCH OF CHRIST
P.O. Box No. 80, KAKINADA,
A.P. - 533 001
Ph. 0884 - 63722



Vol. 5 March & April, 2000 No. 2


Published every two months in Oriya Language for the Restoration of pure New Testament Christianity


**FREE! FREE!! FREE!**

Study the Bible in the quiet of your own home. Enr yourself in the **BASIC BIBLE COURSE** in Or language. Complete the course and obtain a copy Oriya Holy Bible absolutely free! Send your addr today to:

**THE DIRECTOR**
**BIBLE CORRESPONDENCE COURSE**
**P.O. Box. 80, KAKINADA - 533 001.**

# ସତ୍ୟବାଣୀ

# VOICE OF TRUTH

Vol - V KAKINADA MAR. - APR.

## ବିଚାର ଦିନ
## ( Judgement day )

ବିଚାର ଦିନ ବିଷୟରେ ବାଇବଲ ଆମ୍ଭମାନଙ୍କୁ ସରଳ ଭାବେ ଶିକ୍ଷାଦିଏ । ଆମ୍ଭମାନଙ୍କ ଜୀବନକାଳରେ ଯାହା କିଛି କହିଅଛୁ ଓ ଯାହା ସବୁ କରିଅଛୁ ସବୁ ବିଷୟର ହିସାବ ଦେବାକୁ ହେବ ସେ ଦିନରେ । ଅନେକେ ଆପଣା ଆପଣା କାର୍ଯ୍ୟର ହିସାବ ଦେବା ପସନ୍ଦ କରନ୍ତି ନାହିଁ । ମଦକର୍ମଚାରୀ ଅଧିକାରୀମାନଙ୍କୁ ତଥା ପ୍ରଜା-ମାନଙ୍କୁ ସରକାରଙ୍କୁ କରର ହିସାବ ଦେବାକୁ ପଡ଼ିଥାଏ । କର୍ମଚାରୀ-ମାନେ ଆପଣା ଆପଣା ମାଲିକଙ୍କୁ ଛାତ୍ରମାନେ ପରୀକ୍ଷାରେ ସୈନ୍ୟମାନେ ଆପଣା ଆପଣା ଉଚ୍ଚ ଅଧିକାରୀ ନିକଟରେ ଆପଣା ଆପଣା ହିସାବ ଦିଅନ୍ତି । ମାଲିକ, ଧନୀ ଓ ମୁଖ୍ୟ ବ୍ୟକ୍ତିମାନଙ୍କ ଛଡ଼ା ମନୁଷ୍ୟ ଏପରି ଦାୟିତ୍ୱରୁ ମୁକ୍ତ ହେବା କଷ୍ଟକର । ଧନୀ, ଦରିଦ୍ର, ଉଚ୍ଚ, ନୀଚ, ଶିକ୍ଷିତ ଅଶିକ୍ଷିତ ପ୍ରତ୍ୟେକ ମନୁଷ୍ୟଙ୍କୁ ସଦାପ୍ରଭୁଙ୍କ ବିଚାର ସିଂହାସନ ସମ୍ମୁଖରେ ହିସାବ ଦେବାକୁ ହେବ ।

ଏବ୍ରୀ ପୁସ୍ତକ କର୍ତ୍ତା କହନ୍ତି 'ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ, ଆଉ ତାହା ପରେ ବିଚାର ନିରୂପିତ ଅଛି' (ଏବ୍ରୀ ୯ : ୨୭-୨୮) । ଏହି ବିଚାରରେ କେଉଁମାନେ ଉପସ୍ଥିତ ହେବେ ? ପାଉଲ ୨ କରିନ୍ଥୀ ୫ : ୧୦ ପଦରେ ଏହି ପ୍ରଶ୍ନର ଉତ୍ତର ଦେଇ ଅଛନ୍ତି 'କାରଣ ଭଲ ହେଉ ବା ମନ୍ଦ ହେଉ, ପ୍ରତ୍ୟେକ ଜଣ ଆପଣା ଶରୀର ଦ୍ୱାରା କୃତ କର୍ମାନୁସାରେ ଫଳ ପାଇବା ନିମନ୍ତେ

ଖ୍ରୀଷ୍ଟଙ୍କ ବିଚାର ସିଂହାସନ ସମ୍ମୁଖରେ ଆମ୍ଭ ସମସ୍ତଙ୍କୁ ପ୍ରକାଶିତ ହେବାକୁ ହେବ । ଧାର୍ମିକ ଓ ଅଧାର୍ମିକ ପ୍ରତ୍ୟେକଙ୍କୁ ଆପଣା ଆପଣା ପ୍ରତିଫଳ ପାଇବା ନିମନ୍ତେ ଖ୍ରୀଷ୍ଟଙ୍କ ସିଂହାସନ ସମ୍ମୁଖରେ ଉପସ୍ଥିତ ହେବାକୁ ହେବ ।

ପାଉଲ ରୋମୀୟ ଖ୍ରୀଷ୍ଟିୟାନମାନଙ୍କୁ କହନ୍ତି 'କାରଣ ଆମ୍ଭମାନଙ୍କ ମଧ୍ୟରୁ କେହି ଆପଣା ଉଦ୍ଦେଶ୍ୟରେ ବଞ୍ଚେ ନାହିଁ ଏବଂ ଆପଣା ଉଦ୍ଦେଶ୍ୟରେ ମରେ ନାହିଁ । ଯେଣୁ ଯଦି ଆମ୍ଭେମାନେ ବଞ୍ଚୁ କିମ୍ବା ଯଦି ମରୁ ତେବେ ପ୍ରଭୁଙ୍କ ଉଦ୍ଦେଶ୍ୟରେ ମରୁ । ଅତଏବ ଯଦି, ଆମ୍ଭେମାନେ ବଞ୍ଚୁ କିମ୍ବା ମରୁ, ଆମ୍ଭେମାନେ ପ୍ରଭୁଙ୍କର ଅଟୁ । କାରଣ ଖ୍ରୀଷ୍ଟ ଯେପରି ମୃତ ଓ ଜୀବିତ ଉଭୟଙ୍କ ପ୍ରଭୁ ହୁଅନ୍ତି, ସେହି ସେହି ଉଦ୍ଦେଶ୍ୟରେ ସେ ମୃତ୍ୟୁ ଭୋଗ କଲେ, ପୁଣି ପୁନର୍ଜୀବିତ ହେଲେ । କିନ୍ତୁ ତୁମ୍ଭେ କାହିଁକି ଆପଣା ଭାଇକୁ ବିଚାର କରୁଅଛ ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? କିମ୍ବା ତୁମ୍ଭେ କାହିଁକି ଆପଣା ଭାଇକୁ ତୁଚ୍ଛ କରୁଅଛ ? ଆମ୍ଭେମାନେ ସମସ୍ତେ ତ ଈଶ୍ୱରଙ୍କ ବିଚାର ସିଂହାସନ ସମ୍ମୁଖରେ ଠିଆ ହେବା । ଯେଣୁ ଲେଖା ଅଛି 'ପ୍ରଭୁ କହନ୍ତି, ଆମ୍ଭେ ଜୀବିତ ଥିବା ପ୍ରମାଣେ ପ୍ରତ୍ୟେକ ଜାନୁ ଆମ୍ଭ ସମ୍ମୁଖରେ ନତ ହେବ, ଆଉ ପ୍ରତ୍ୟେକ ଜିହ୍ୱା ଈଶ୍ୱରଙ୍କ ପ୍ରଶଂସା କରିବ ।' ଅତଏବ ଆମ୍ଭମାନଙ୍କର ପ୍ରତ୍ୟେକ ଜଣକୁ ଈଶ୍ୱରଙ୍କ ସମ୍ମୁଖରେ ନିଜ ନିଜର ହିସାବ ଦେବାକୁ ହେବ । ( ରୋମୀୟ ୧୪ : ୭-୧୨ ) ।

ଆରିୟପାଗରେ ଏକତ୍ରିତ ଆଥୀନୀବାସୀଙ୍କୁ ପାଉଲ କହିଥିଲେ, 'ଈଶ୍ୱର ସେହି ଅଜ୍ଞାନତାର କାଳ ଉପେକ୍ଷା କରିଅଛନ୍ତି ସତ୍ୟ । କିନ୍ତୁ ଏବେ ସେ ସର୍ବତ୍ର ସମସ୍ତ ମନୁଷ୍ୟଙ୍କୁ ମନ ପରିବର୍ତ୍ତନ କରିବା ନିମନ୍ତେ ଜଣାନ୍ତି, କାରଣ ଯେଉଁ ଦିନ ସେ ଆପଣା ନିରୂପିତ ବ୍ୟକ୍ତିଙ୍କ ଦ୍ୱାରା ଧାର୍ମିକତାରେ ବିଚାର କରିବେ । ଏହିପରି ଗୋଟିଏ ଦିନ ସ୍ଥିର କରିଅଛନ୍ତି । ଆଉ ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉତ୍ଥାପନ କରି ଏ ବିଷୟରେ ସମସ୍ତଙ୍କ ନିକଟରେ ପ୍ରମାଣ ଦେଇଅଛନ୍ତି ।

( ପ୍ରେରିତ ୧୭, : ୩୦, ୨୧ ) । ଧାର୍ମିକତାରେ ନ୍ୟାୟ ବିଚାର ନିମନ୍ତେ ପରମେଶ୍ୱର ଏକ ଦିନ ନିର୍ଣ୍ଣୟ କରି ଅଛନ୍ତି । ତାହାଙ୍କ ବିଚାରରେ ପକ୍ଷପାତର କୌଣସି ସ୍ଥାନ ନାହିଁ । ଈଶ୍ୱରଙ୍କ ବିନୁ ସେହି ଦିନ ବିଷୟରେ କେହି ଜାଣନ୍ତି ନାହିଁ, ପୁତ୍ର ମଧ୍ୟ ଅଜ୍ଞାତ ଅଟନ୍ତି । ଯୀଶୁ ଖ୍ରୀଷ୍ଟଙ୍କ ଆଗମନ ବିଷୟରେ ସ୍ୱର୍ଗୀୟ ଦୂତମାନେ କିଅବା ସ୍ୱୟଂ ପ୍ରଭୁ ଯୀଶୁ ମଧ୍ୟ ଜାଣନ୍ତି ନାହିଁ ବୋଲି ବାକ୍ୟ କହେ । ଯଦି ତାହାଙ୍କ ଆଗମନ ବିଷୟରେ ପ୍ରଭୁ ନିଜେ ଜାଣନ୍ତି ନାହିଁ । ତେବେ ମନୁଷ୍ୟ କିପରି ଜାଣି ପାରିବ ? ତାହାଙ୍କ ପ୍ରିୟପୁତ୍ର ଯୀଶୁଙ୍କୁ ଯାହାଙ୍କୁ ପୁନଃ ଜୀବିତ କରି ଅଭିଷିକ୍ତ କରିଅଛନ୍ତି, ତାହାଙ୍କ ଦ୍ୱାରା ସେ ଏହି ଜଗତର ବିଚାର କରିବେ ।

ଦ୍ରୁସିଲ୍ଲା ନାମ୍ନୀ ଯିହୁଦୀ ସ୍ତ୍ରୀ ସହିତ ବ୍ୟଭିଚାରରେ ଜୀବନ ଯାପନ କରିବା ଫେଲିକ୍ସଙ୍କ ସମ୍ମୁଖରେ ପାଉଲ ପ୍ରଭୁଙ୍କ ବାକ୍ୟ ନିର୍ଭୟରେ ପ୍ରକଟ କରିଥିଲେ । ବାକ୍ୟ କହେ, କିନ୍ତୁ ସେ ଧାର୍ମିକତା ଆତ୍ମ ସଂଯମ ଓ ଆଗାମୀ ବିଚାର କଥା କହିବା ସମୟରେ ଫେଲିକ୍ସ ଭୀତ ହୋଇ ଉତ୍ତର ଦେଲେ, ବର୍ତ୍ତମାନ ତୁମେ ଯାଅ, ସୁବିଧା ସମୟ ପାଇଲେ ଆମ୍ଭେ ତୁମ୍ଭଙ୍କୁ ଡକାଇବା ( ପ୍ରେରିତ ୨୪ : ୨୫ ) ଆପଣା କୃତକର୍ମ ନିମନ୍ତେ ଦିନେ ସର୍ବୋପରିସ୍ଥ ପରମେଶ୍ୱରଙ୍କ ନିକଟରେ ହିସାବ ଦେବାକୁ ହେବ ବୋଲି ପାଉଲଙ୍କ ସତର୍କତା ଫେଲିକ୍ସଙ୍କୁ ଭୟଭୀତ କରିଥିଲା । ତଥାପି ସେ ପାଉଲଙ୍କ ସତର୍କତା ସତ୍ତ୍ୱେ ଆପଣା କୃତକର୍ମରୁ ମନପରିବର୍ତ୍ତନ କରି ନ ଥିଲେ । ସେ ପାଉଲଙ୍କୁ ପୁନର୍ବାର ଡକାଇବେ ବୋଲି ପ୍ରତିଶ୍ରୁତି ଦେଲେ ବି, ପୁନର୍ବାର ଡକାଇବା ବିଷୟ ଲିଖିତ ହୋଇ ନାହିଁ । ପାଉଲଙ୍କ ସତର୍କତାରୁ ପାପର ଗୁରୁତ୍ୱତା ବୁଝି ମଧ୍ୟ ଫେଲିକ୍ସ ଆପଣା ପାପରେ ମୃତ୍ୟୁ ଭୋଗିଲେ ! କେଡେ ବିଷାଦର ବିଷୟ !

ଫାରୂଶୀମାନଙ୍କୁ ପ୍ରଭୁ କହିଲେ, 'ରେ କାଳସର୍ପର ବଂଶ, ତୁମ୍ଭେମାନେ ଦୁଷ୍ଟ ହୋଇ କି ପ୍ରକାରେ ଭଲ କଥା କହିପାର ? କାରଣ ହୃଦୟର ପୂର୍ଣ୍ଣତାରୁ ମୁଖ କଥା କହେ । ଉତ୍ତମ ଲୋକ ଉତ୍ତମ

ଭଣ୍ଡାରରୁ ଉତ୍ତମ ପଦାର୍ଥ ବାହାର କରେ, ପୁଣି ମନ୍ଦ ଲୋକ ମନ୍ଦ ଭଣ୍ଡାରରୁ ମନ୍ଦ ପଦାର୍ଥ ବାହାର କରେ । କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟମାନେ ଯେ କୌଣସି ଅସାର କଥା କହନ୍ତି, ବିଚାର ଦିନରେ ସେମାନେ ସେଥିର ଉତ୍ତର ଦେବେ, ଯେଣୁ ତୁମ୍ଭ ବାକ୍ୟଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ ।' (ମାଥିଉ ୧୨ : ୩୪-୩୭) ଅର୍ଥାତ୍ ମନୁଷ୍ୟ ଆପଣା ହୃଦୟରେ ତଥା କଥାବାର୍ତ୍ତାରେ ମଧ୍ୟ ସିଦ୍ଧ ହେବା ଆବଶ୍ୟକ । ମନୁଷ୍ୟର ମୁଖରୁ ନିର୍ଗତ ବାକ୍ୟ ତାହାର ହୃଦୟର ସ୍ପଷ୍ଟତର ଦର୍ପଣ । ମନୁଷ୍ୟ କୃତ ପ୍ରତ୍ୟେକ କର୍ମର ତଥା ଉଚ୍ଚାରିତ ପ୍ରତ୍ୟେକ ବାକ୍ୟର ହିସାବ ଦେବାକୁ ହେବ ଜାଣି, ଜାଗ୍ରତରେ ଏହି ଜୀବନ ଯାପନ ନିତାନ୍ତ ଆବଶ୍ୟକ ।

ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପିତା ପରମେଶ୍ୱର ମନୁଷ୍ୟର ଗୁପ୍ତ ବିଷୟ ସମସ୍ତ ବିଚାର କରିବେ ବୋଲି ପାଉଲ, ରୋମୀୟ ୨ : ୧୬ ପଦରେ ଆମ୍ଭମାନଙ୍କୁ ସତର୍କତା କରନ୍ତି । ଏବ୍ରୀ ପୁସ୍ତକକର୍ତ୍ତା କହନ୍ତି 'କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟ ସାଧକ ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ । ଈଶ୍ୱରଙ୍କ ସମ୍ମୁଖରେ କୌଣସି ପ୍ରାଣୀ ଅପ୍ରକାଶିତ ନୁହେଁ, ମାତ୍ର ଯାହାଙ୍କ ସମ୍ମୁଖରେ ଆମ୍ଭମାନଙ୍କୁ ନିକାଶ ଦେବାକୁ ହେବ ତାହାଙ୍କ ଦୃଷ୍ଟିରେ ସମସ୍ତ ବିଷୟ ଉଲଙ୍ଗ ଓ ଅନାବୃତ ଅଟେ ।" (ଏବ୍ରୀ ୪ : ୧୨, ୧୩) । ପାଉଲ ଆପଣା ବିଷୟରେ କହନ୍ତି, "କିନ୍ତୁ ତୁମ୍ଭମାନଙ୍କ ଦ୍ୱାରା କିମ୍ବା କୌଣସି ଲୌକିକ ବିଚାରସଭା ଦ୍ୱାରା ବିଚାରିତ ହେବା ମୋ ପକ୍ଷରେ ଅତି ସାମାନ୍ୟ ବିଷୟ ଏପରିକି ମୁଁ ନିଜେ ସୁଦ୍ଧା ନିଜର ବିଚାର କରେନାହିଁ । କାରଣ ମୁଁ ନିଜ ବିରୁଦ୍ଧରେ କିଛି ଜାଣେ ନାହିଁ, ତଥାପି ଏଥିରେ ମୁଁ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇ ନାହିଁ, କିନ୍ତୁ ଯେ ମୋହର ବିଚାର କରନ୍ତି ସେ ପ୍ରଭୁ । ତେଣୁ ସମୟର ପୂର୍ବେ ପ୍ରଭୁଙ୍କ ନ ଆସିବା ପର୍ଯ୍ୟନ୍ତ କୌଣସି ବିଚାର କର ନାହିଁ, ସେ ଅନ୍ଧକାରର ଗୁପ୍ତ ବିଷୟ ଗୁଡ଼ିକ ଆଲୋକରେ ଦେଖାଇବେ, ପୁଣି ହୃଦୟର ସଙ୍କଳ୍ପ ସମସ୍ତ ପ୍ରକାଶ କରିବେ, ସେତେ

ତେବେଲେ ପ୍ରତ୍ୟେକ ଜଣ ଈଶ୍ୱରଙ୍କ ଠାରୁ ପ୍ରସଂସା ପାଇବ ! (୧ମ କରନ୍ଥୀ ୨ : ୩-୫ ) 'ମୁଁ ଈଶ୍ୱରଙ୍କ ସାକ୍ଷାତରେ, ଆଉ ଯେଉଁ ଖ୍ରୀଷ୍ଟ ଯୀଶୁ ଜୀବିତ ଓ ମୃତ ଉଭୟଙ୍କର ବିଚାର କରିବାକୁ ଯାଉଅଛନ୍ତି । ତାହାଙ୍କ ସାକ୍ଷାତରେ ପୁଣି ତାହାଙ୍କ ପୁନରାଗମନ ଓ ରାଜ୍ୟର ଶପଥ ଦେଇ ତୁମ୍ଭଙ୍କୁ ଦୃଢ଼ ଆଜ୍ଞା ଦେଉଅଛି । ଅଦ୍ୟାବଧି ମୋ ନିମନ୍ତେ ଧାର୍ମିକତାର ମୁକୁଟ ରଖାଯାଇ ଅଛି । ତାହା ସେହି ମହାଦିନରେ ନ୍ୟାୟବାନ ବିଚାର କର୍ତ୍ତା ପ୍ରଭୁ ମୋତେ ଦେବେ, ପୁଣି କେବଳ ମୋତେ ନୁହେଁ, ମାତ୍ର ଯେତେ ଲୋକ ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରନ୍ତି, ସେ ସମସ୍ତଙ୍କୁ ଦେବେ ।' ( ୨ୟ ତୀମଥି ୪ : ୧,୮ ) । ମହାଦିନ ଅର୍ଥାତ୍ ବିଚାର ଦିନରେ ନ୍ୟାୟବାନ ପ୍ରଭୁ, ତାହାଙ୍କ ଆଗମନକୁ ପ୍ରିୟଜ୍ଞାନ କରିବା ପ୍ରତ୍ୟେକ ମନୁଷ୍ୟକୁ ଧାର୍ମିକତାର ମୁକୁଟ ପ୍ରଦାନ କରିବେ ।

'ସମସ୍ତଙ୍କ ବିଚାରକର୍ତ୍ତା' ଈଶ୍ୱର ( ଏବ୍ରୀ, ୧୨ : ୨୩ ) ପାରଦାରିକ ଓ ବ୍ୟଭିଚାରୀମାନଙ୍କ ବିଚାର କରିବେ, ଏଥି ନିମନ୍ତେ ଲେଖକ 'ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା ଶୁଚି ଥାଉ ।' ( ୧୩ : ୨ ) ବୋଲି ପ୍ରତ୍ୟେକଙ୍କୁ ସାବଧାନ କରନ୍ତି ।

'ମନୁଷ୍ୟପୁତ୍ର ଯେତେବେଳେ ସମସ୍ତ ଦୂତଙ୍କ ସହିତ ସ୍ୱମହିମାରେ ଆଗମନ କରିବେ, ସେତେବେଳେ ସେ ଆପଣା ଗୌରବମୟ ସିଂହାସନରେ ଉପବେଶନ କରିବେ, ପୁଣି ତାହାଙ୍କ ସମ୍ମୁଖରେ ସମସ୍ତ ଜାତି ଏକତ୍ର କରାଯିବେ, ଆଉ ମେଷ ପାଳକ ଯେପରି ଛାଗଠାରୁ ମେଷ ପୃଥକ କରି ମେଷମାନଙ୍କୁ ଆପଣା ଦକ୍ଷିଣ ପାର୍ଶ୍ୱରେ ଓ ଛାଗମାନଙ୍କୁ ବାମ ପାର୍ଶ୍ୱରେ ରଖିବେ ( ମାଥିଉ ୨୫ : ୩୧-୩୩ ) ବିଚାରଦିନର ଏକ ଛବି ପ୍ରଭୁ ଏଠାରେ ଦେଇ ଅଛନ୍ତି । ସମସ୍ତ ଜାତି ଓ ସମସ୍ତ ଦେଶର ପ୍ରତ୍ୟେକ ମନୁଷ୍ୟ ତାହାଙ୍କ ସମ୍ମୁଖରେ ଉପସ୍ଥିତ ହେବେ । ମେଷପାଳକ ମେଷମାନଙ୍କ ଛାଗମାନଙ୍କଠାରୁ ପୃଥକ୍

କାଳପରି, ପ୍ରଭୁ ଧାର୍ମିକମାନଙ୍କୁ ଅଧାର୍ମିକମାନଙ୍କ ଠାରୁ ପୃଥକ କରିବେ । ଧାର୍ମିକ, ଖ୍ରୀଷ୍ଟିୟାନ ମଣ୍ଡଳୀ ଦକ୍ଷିଣପାର୍ଶ୍ବର ମେଷ ଓ ଅଧାର୍ମିକ, ଅବିଶ୍ବସ୍ତ, ଭଣ୍ଡମାନେ ବାମପାର୍ଶ୍ବରେ ମେଷ ସଦୃଶ୍ୟ ଅଟନ୍ତି । ବିଚାର ପରେ ବାକ୍ୟ କହେ, ଅଧାର୍ମିକମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ । ( ମାଥିଉ ୨୫ : ୪୬ ) ।

ଉପଲକ୍ଷିତ ବିଶ୍ଲେଷଣର ସାରାଂଶ :—

୧ । ମୃତ୍ୟୁପରେ କିଅବା ପ୍ରଭୁଙ୍କ ଆଗମନ ସମୟରେ ମନୁଷ୍ୟର ବିଚାର ସୁନିଶ୍ଚିତ ।

୨ । ଜଗତ ଆରମ୍ଭରୁ ପ୍ରତ୍ୟେକ ଦେଶ, ପ୍ରତ୍ୟେକ ଜାତି, ପ୍ରତ୍ୟେକ ଭାଷାର ଯୁବକ, ବୃଦ୍ଧ, ଉଚ୍ଚ, ନୀଚ, ଶିକ୍ଷିତ, ଅଶିକ୍ଷିତ, ଧନୀ ଦରିଦ୍ର, ରାଜା, ପ୍ରଜା, କେହି ମଧ୍ୟ ପ୍ରଭୁଙ୍କ ବିଚାରରୁ ରକ୍ଷା ପାଇ ପାରିବେ ନାହିଁ ।

୩ । ପିତା ପରମେଶ୍ବର, ଆପଣା ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ଦ୍ବାରା ଏହି ଜଗତର ବିଚାର କରିବେ ।

୪ । ପିତା ଆମର ପରମେଶ୍ବର ନିରପେକ୍ଷପାତ ବିଚାରକର୍ତ୍ତା ଅଟନ୍ତି ।

୫ । ଅସାର କଥା, ପ୍ରତ୍ୟେକ କାର୍ଯ୍ୟ ଓ ଗୁପ୍ତ ରହସ୍ୟ ସବୁ ସେଦିନ ବିଚାରରେ ଆଣାଯିବ ।

୬ । ସେହି ନ୍ୟାୟ ବିଚାର ଅନ୍ତିମ ବିଚାରରେ ସେଥିରୁ ଆଉ ରକ୍ଷା ନାହିଁ ।

୭ । ଧାର୍ମିକମାନେ ଅନନ୍ତ ଜୀବନ ରୂପକ ମୁକୁଟରେ ଭୂଷିତ ହେବେ କିନ୍ତୁ ଦୁଷ୍ଟ ଶୟତାନ ସହିତ ନରକରେ ନିକ୍ଷିପ୍ତ ହେବେ ।

ଆପଣ କି ସେହି ନ୍ୟାୟ ବିଚାରରେ ଉପସ୍ଥିତ ହେବା ନିମନ୍ତେ ପ୍ରସ୍ତୁତ ଅଛନ୍ତି ? ଖ୍ରୀଷ୍ଟ କହନ୍ତି 'ଯେ ମୋତେ ଅଗ୍ରାହ୍ୟ କରେ ନାହିଁ, ତାହାର ବିଚାରକର୍ତ୍ତା ଅଛି, ମୁଁ ଯେଉଁ ବାକ୍ୟ କହି ଅଛି, ତାହା ଶେଷଦିନରେ ତାହାର ବିଚାର କରିବ । (ଯୋହନ ୧୨-୪୮) 'ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଯେଉଁ ସମୟରେ ମୃତମାନେ ଈଶ୍ୱରଙ୍କର ପୁତ୍ରଙ୍କ ସ୍ୱର ଶୁଣିବେ ଓ ଯେଉଁମାନେ ଶୁଣିବେ, ସେମାନେ ସଜୀବ ହେବେ, ଏପରି ସମୟ ଆସୁଅଛି, ପୁଣି ବର୍ତ୍ତମାନ ସୁଦ୍ଧା ଉପସ୍ଥିତ । କାରଣ ପିତା ଯେପରି ସ୍ୱୟଂ ଜୀବୀ ସେହିପରି ସେ ପୁତ୍ରଙ୍କୁ ମଧ୍ୟ ସ୍ୱୟଂଜୀବୀ ହେବାକୁ ଦେଇ ଅଛନ୍ତି । ଆଉ ସେ ମନୁଷ୍ୟପୁତ୍ର ହେବାରୁ ସେ ତାହାଙ୍କୁ ବିଚାର କରିବାର ଅଧିକାର ଦେଲେ । ଏଥିରେ ଚମତ୍କୃତ ହୁଅନାହିଁ । କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି । ସେମାନେ ଜୀବନର ପୁନରୁତ୍ଥାନ୍ ନିମନ୍ତେ ଓ ଯେଉଁମାନେ ଅସତ୍‌କର୍ମ କରିଅଛନ୍ତି ସେମାନେ ଦଣ୍ଡର ପୁନରୁତ୍‌ଥାନ୍ ନିମନ୍ତେ ବାହାର ହୋଇ ଆସିବେ । ଏପରି ସମୟ ଆସୁଅଛି । ମୁଁ ଆପଣାରୁ କିଛି କରି ପାରେ ନାହିଁ । ମୁଁ ଯେପରି ଶୁଣେ ସେହିପରି ବିଚାର କରେ, ଆଉ ମୋହର ବିଚାର ଯଥାର୍ଥ କାରଣ ମୁଁ ଆପଣାର ଇଚ୍ଛା ସାଧନ କରିବାକୁ ଚେଷ୍ଟା ନ କରି ମୋହର ପ୍ରେରଣକର୍ତ୍ତାଙ୍କ ଇଚ୍ଛା ସାଧନ କରିବାକୁ ଚେଷ୍ଟା କରେ । ( ଯୋହନ ୫ : ୨୫-୩୦ ? ) ।

ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କର, ମନ ପରିବର୍ତ୍ତନ କର ତାହାଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କର ବାପ୍ତିଜିତ ହୋଇ ତାହାଙ୍କ ବିଚାର ସିଂହାସନ ସମ୍ମୁଖରେ ଉଭା ହେବାକୁ ଆପଣ କି ପ୍ରସ୍ତୁତ ଅଛନ୍ତି ? ତାହାଙ୍କ ବାକ୍ୟର ଆଜ୍ଞାବହ ପ୍ରତ୍ୟେକଙ୍କୁ ସେ ଆପଣା ମଣ୍ଡଳୀରେ ସଂଯୁକ୍ତ କରନ୍ତି, ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ପ୍ରତ୍ୟେକ ବିଶ୍ୱସ୍ତ ଖ୍ରୀଷ୍ଟିୟାନଙ୍କୁ ସେ ଶେଷ ଦିନରେ କହିବେ, ଦେଖ, ଉତ୍ତମ ଓ ବିଶ୍ୱସ୍ତ ଦାସ, ତୁମ୍ଭେ ଅଳ୍ପ ବିଷୟରେ ବିଶ୍ୱସ୍ତ ହେଲ, ମୁଁ ତୁମ୍ଭକୁ ବହୁତ ବିଷୟ ଉପରେ ନିଯୁକ୍ତ କରିବି, ତୁମ୍ଭେ ଆପଣା

ପ୍ରଭୁଙ୍କ ଆନନ୍ଦର ସହଭାଗୀ ହୁଅ । ( ମାଥିଉ ୨୫ : ୨୩ ) ସମସ୍ତ ଖ୍ରୀଷ୍ଟିଆନ୍ ଆପଣା ଆପଣା ବିଷୟରେ ଜାଗ୍ରତ ହୋଇ, ତାହାଙ୍କ ଫେରିବାର ଦିନ ନିମନ୍ତେ ପ୍ରସ୍ତୁତ ହେଉନ୍ତୁ !

—J. C. Choate

—o—

## ବାଇବଲଗତ ପରିତ୍ରାଣକୁ ପ୍ରସ୍ଥାନ
## (Back to Bible Salvation)

ଆପଣଙ୍କ ଦୁଃସ୍ଥିତି କି ଆପଣଙ୍କୁ ଅସ୍ତବ୍ୟସ୍ତ କରୁଛି ? ପ୍ରାପ୍ତ ଉଚିତ ଜୀବନର ଭାରରେ କି ଆପଣ ଭାରାକ୍ରାନ୍ତ ? ମନୁଷ୍ୟର ସ୍ଥିତି ବିଷୟରେ ବାଇବଲର ଆୟୁବ ପୁସ୍ତକରେ ଲେଖାଯାଏ । ସ୍ତ୍ରୀ ଜାତ ମନୁଷ୍ୟ ଅଳ୍ପାୟୁ ଓ ଦୁଃଖରେ ପରିପୂର୍ଣ୍ଣ । ସେ ପୁଷ୍ପ ତୁଲ୍ୟ ପ୍ରସ୍ଫୁଟିତ ହୋଇ କଟାଯାଏ, ମଧ୍ୟ ସେ ଛାୟା ତୁଲ୍ୟ ବହିଯାଇ ସ୍ଥିର ନ ଥାଏ । ଆଉ, ତୁମ୍ଭେ ଏପରି ଜଣଙ୍କ ଉପରେ କି ଆପଣା ଦୃଷ୍ଟି ରଖୁଅଛ ଓ ଆପଣା ନିକଟକୁ ବିଚାରାର୍ଥେ କି ମୋତେ ଆଣୁଅଛ ? ( ଆୟୁବ ୧୪ : ୧-୨ ) । ମନୁଷ୍ୟର ଏହି ଦୁଃସ୍ଥିତିର ଉତ୍ତର ପ୍ରଭୁ ଯୀଶୁଖ୍ରୀଷ୍ଟ ମାତ୍ର ଅଟନ୍ତି । ବାକ୍ୟ କହେ, ଯୀଶୁ ତାଙ୍କୁ କହିଲେ, ମୁଁ ପଥ ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ । ( ଯୋହନ ୧୪ : ୬ ) ଯୀଶୁଖ୍ରୀଷ୍ଟଙ୍କ ଠାରେ କିପରି ପରିତ୍ରାଣ ପାଇ ପାରିବା ? :—

ପାପର ଅର୍ଥ କଅଣ ?— ଧର୍ମ ଅଧର୍ମର ନିୟମ ମନୁଷ୍ୟ ନିର୍ଣ୍ଣୟ କରେ ନାହିଁ । ଆପଣା ଦୃଷ୍ଟିରେ ଧାର୍ମିକ ପ୍ରବୃତ୍ତିର ମନୁଷ୍ୟମାନେ ଅସ୍ଥିରତା ସୃଷ୍ଟି କରନ୍ତି । ମୋଶା ଓ ଯିହୋଶୂୟଙ୍କ ଇସ୍ରାଏଲ ମୃତ୍ୟୁପରେ ସ୍ଥିତି ବିଷୟରେ କୁହାଯାଏ । ସେ ସମୟରେ ଇସ୍ରାଏଲ ମଧ୍ୟରେ କୌଣସି ରାଜା ନ ଥିଲା, ଓ ଯାହା ଦୃଷ୍ଟିରେ ଯାହା ଭଲ ଦିଶିଲା, ସେ ତାହା କଲା । ( ବିଚାରକର୍ତ୍ତା ୧୭ : ୬ ) ପିତା ପରମେଶ୍ୱର ଆପଣା ମତ ବାଇବଲ ଦ୍ୱାରା ପ୍ରକାଶ କରିଅଛନ୍ତି ।

ସେହି ମତ ପାଳନ ନକରି ଆମ୍ଭେମାନେ ପାପ କରିଥାଉଁ । କାରଣ ବାକ୍ୟ କହେ 'ଯେ କେହି ପାପ କରେ ସେ ମଧ୍ୟ ବ୍ୟବସ୍ଥା ଲଂଘନ କରେ କାରଣ ବ୍ୟବସ୍ଥା ଲଂଘନ ହିଁ ପାପ ।' ( ୧ମ ଯୋହନ ୩-୪)

ପାପ ମନୁଷ୍ୟର ଇଚ୍ଛାଧୀନ ଅଟେ । ପିତାମାତାଙ୍କ ପାପରୁ ପ୍ରତିଫଳ ସନ୍ତାନମାନଙ୍କ ଉପରେ ବର୍ତ୍ତେ ନାହିଁ । 'ଯେଉଁ ପ୍ରାଣୀ ପାପ କରେ, ସେହି ମରିବ, ପୁତ୍ର ପିତାର ଅଧର୍ମର ଭାର ବହିବ ନାହିଁ । କିଅବା ପିତା ପୁତ୍ରର ଅଧର୍ମର ଭାର ବହିବ ନାହିଁ । ଧାର୍ମିକତାର ଧାର୍ମିକତା ତାହାର ଉପରେ ବର୍ତ୍ତିବ ଓ ଦୁଷ୍ଟର ଦୁଷ୍ଟତା ତାହାରି ଉପରେ ବର୍ତ୍ତିବ ।' ( ଯିହିଜକଲ ୧୮ : ୨୦ ) । ପରିବର୍ତ୍ତନ ବିଷୟରେ ଯୀଶୁ କହନ୍ତି, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଫେରି ସାନପିଲାଙ୍କ ପରି ନ ହେଲେ କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ । ( ମାଥିଉ ୧୮ : ୩ )

ପାପ ଏତେ ଆକର୍ଷଣୀୟ ଯେ, ଏହାର ଜାଲରେ ନପଡ଼ିବା ମନୁଷ୍ୟ ନାହିଁ । କାରଣ ସମସ୍ତେ ପାପ କରିଅଛନ୍ତି ଓ ପୁଣି ଈଶ୍ୱରଙ୍କ ଗୌରବ ରହିତ ହୋଇ ଅଛନ୍ତି । ( ରୋମୀୟ ୩ : ୨୩ ) ପାପର ସୁଖ ଭୋଗ କ୍ଷଣସ୍ଥାୟୀ । ମୋଶାଙ୍କ ବିଷୟରେ ବାକ୍ୟ କହେ ପାପର କ୍ଷଣିକ ସୁଖ ଭୋଗ ଅପେକ୍ଷା ଖ୍ରୀଷ୍ଟଙ୍କ ନିନ୍ଦାର ସହଭାଗୀ ହେବା ଶ୍ରେଷ୍ଠତର ଧନ ବୋଲି ମନେ କଲେ ।' (ଏବ୍ରୀ ୧୧-୨୫ ପାପର ପ୍ରତିଫଳ ? ପାପ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତାଙ୍କ ଠାରୁ ବିଚ୍ଛେଦ କରେ । ମାତ୍ର ତୁମ୍ଭମାନଙ୍କର ଅପରାଧ ସବୁ ତୁମ୍ଭମାନଙ୍କର ଓ ତୁମ୍ଭମାନଙ୍କ ପରମେଶ୍ୱରଙ୍କ ମଧ୍ୟରେ ବିଚ୍ଛେଦ ଘଟାଇ ଅଛି ଓ ତୁମ୍ଭମାନଙ୍କର ପାପସବୁ ତୁମ୍ଭମାନଙ୍କଠାରୁ ତାହାଙ୍କ ମୁଖ ଲୁଚାଇଅଛି । ଏଥିପାଇଁ ସେ ଶୁଣିବେ ନାହିଁ । ( ଯିଶାଇୟ ୫୯ : ୨ ) । ଜଗତ ପାପକୁ ସାମାନ୍ୟ ବିଷୟ ମନେ କରେ କିନ୍ତୁ ଏଥି ଯୋଗୁଁ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ପିତା ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଆପଣା ମୁଖ ଲୁଚାନ୍ତି ।

ପାପର ପ୍ରତିଫଳ ବିଷୟରେ ପ୍ରକଟ କରି, ବାଇବଲ୍ ବାକ୍ୟ ଏହାହିଁ ଗୁରୁତ୍ୱ ଆମ୍ଭମାନଙ୍କୁ ଜ୍ଞାତ କରାଏ । କାରଣ ପାପର ବେତନ ମୃତ୍ୟୁ । କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସହଭାଗୀତାରେ ଅନନ୍ତ ଜୀବନ ଅଟେ । (ରୋମୀୟ ୬ . ୨୩ )

ପାପ ଦ୍ୱାରା ଆତ୍ମୀକ ମୃତ୍ୟୁ ହେଲା ପରମେଶ୍ୱରଙ୍କ ଠାରୁ ବିଚ୍ଛେଦ ହେଉଁ । ଏହି ବିଚ୍ଛେଦ ଏହି ଜୀବନରେ ତଥା ଅଧିକଭାବେ ଆତ୍ମିକ । କିନ୍ତୁ ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟକଳଙ୍କିତ, ନରଘାତକ, ବ୍ୟଭିଚାରୀ, ମାୟାବୀ ଓ ପ୍ରତିମାପୂଜକ, ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଗନ୍ଧକ ପ୍ରଜ୍ୱଳିତ, ସେମାନେ ହ୍ରଦରେ ଅଂଶ ପାଇବେ । ଏହା ହିଁ ଦ୍ୱିତୀୟ ମୃତ୍ୟୁ । (ପ୍ରକାଶିତ ୨୧ : ୮ )

ସିଦ୍ଧ ପବିତ୍ର ପରମେଶ୍ୱରଙ୍କ ଦୃଷ୍ଟିରେ ପାପ ଅସହ୍ୟ ଓ ଘୃଣିତ ଓ ତୁମ୍ଭେ ତ ଏପରି ନିର୍ମଳ ଚକ୍ଷୁ ଯେ ମନ୍ଦ ଦେଖି ନ ପାର (ହବକ୍କୂକ ୧ : ୧୩ )। ମନୁଷ୍ୟର ପ୍ରତ୍ୟେକ ପାପର ପ୍ରତିଫଳ ଦାତା ପରମେଶ୍ୱର ସିଦ୍ଧ ଓ ପବିତ୍ର ଅଟନ୍ତି ।

ଅନାଦି ଅନନ୍ତ ପରମେଶ୍ୱରଙ୍କୁ ପାପପୂର୍ଣ୍ଣ ଚକ୍ଷୁ ଦେଖିବା ଅସମ୍ଭବ । ସମସ୍ତଙ୍କ ସହିତ ଶାନ୍ତିରେ ରହିବାକୁ ଚେଷ୍ଟା କର ପୁଣି, ଯେଉଁ ପବିତ୍ରତା ବିନୁ କେହି ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ, ସେଥିର ଅନୁସରଣ କର ( ଏବ୍ରୀ ୧୨ : ୧୪ ) ପାପୀ ମନୁଷ୍ୟ ଆପଣା ପାପରୁ ଆପଣାକୁ ମୁକ୍ତ କରିବାରେ ଅସମର୍ଥ ତେଣୁ ପରମେଶ୍ୱରଙ୍କ ଶରଣ ନିଏ ।

ତ୍ରାଣକର୍ତ୍ତା ପ୍ରଭୁ ଯୀଶୁ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଆପଣାକୁ ଆପଣାକୁ ଅର୍ପଣ କରିଥିଲେ । ସେ ଶୁଦ୍ଧ, ପବିତ୍ର, ଜୀବନ ଯାପନ କରି, ଜଗତର ମୁକ୍ତି ନିମନ୍ତେ ସମର୍ପିତ ହୋଇ ଆମ୍ଭମାନଙ୍କ

ପରମେଶ୍ୱରଙ୍କ କ୍ରୋଧରୁ ବଞ୍ଚାଇ ଅଛନ୍ତି । କାରଣ ଯେତେବେଳେ ଆମ୍ଭେମାନେ ନିରୁପାୟ ଥିଲୁ, ସେତେବେଳେ ଖ୍ରୀଷ୍ଟ ଉପଯୁକ୍ତ ସମୟରେ ଅଧାର୍ମିକମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ । ଧାର୍ମିକ ଲୋକ ନିମନ୍ତେ ଅବା କେହି ପ୍ରାଣ ଦେବାକୁ ସାହସ କରି ପାରେ, କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ଏଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁ ଅଛନ୍ତି । ( ରୋମୀୟ ୫ : ୬-୮ ) ।

ଆମ୍ଭମାନଙ୍କ ପାପ ନିମନ୍ତେ ପରମେଶ୍ୱର ଯୀଶୁଖ୍ରୀଷ୍ଟଙ୍କୁ ଶାସ୍ତି ଦେଲେ । 'ଆମ୍ଭେମାନେ ଯେପରି ପାପ ପ୍ରତି ମୃତ ହୋଇ ଧାର୍ମିକତା ନିମନ୍ତେ ଜୀବନ ଯାପନ କରୁ, ଏଥି ନିମନ୍ତେ ସେ ଆପେ କ୍ରୁଶରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ, ତାହାଙ୍କ କ୍ଷତ ଦ୍ୱାରାରେ ତୁମ୍ଭେମାନେ ସୁସ୍ଥ ହୋଇଅଛ ।' ( ୧ମ ପିତର ୨ : ୨୪ ) 'ଯେଣୁ ଆମ୍ଭମାନଙ୍କୁ ଈଶ୍ୱରଙ୍କ ନିକଟକୁ ଆଣିବା ପାଇଁ ଖ୍ରୀଷ୍ଟ ମଧ୍ୟ ଧାର୍ମିକ ହୋଇ ଅଧାର୍ମିକମାନଙ୍କ ନିମନ୍ତେ ପାପ ହେତୁ ଥରେ ମୃତ୍ୟୁଭୋଗ କଲେ । ସେ ଶରୀରରେ ମୃତ୍ୟୁଭୋଗ କଲେ ସତ୍ୟ, କିନ୍ତୁ ଆତ୍ମାରେ ଜୀବିତ ହେଲେ ।' ( ୧ମ ପିତର ୩ : ୧୮ ) ।

ଯୀଶୁଖ୍ରୀଷ୍ଟଙ୍କ ସମର୍ପିତ ନ ଥିଲେ ପିତା ପରମେଶ୍ୱର ମନୁଷ୍ୟକୁ ଶାସ୍ତି ଦେବା ଛଡ଼ା ଆଉ କିଛି ବାଟ ନ ଥାନ୍ତା । ସେ ବର୍ତ୍ତମାନ କାଳରେ ଆପଣା ଧାର୍ମିକତା ପ୍ରକାଶ କରିବା ନିମନ୍ତେ ଏହା କରିଅଛନ୍ତି, ଯେପରି ସେ ସ୍ୱୟଂ ଧାର୍ମିକ ହୋଇ ଯୀଶୁଙ୍କଠାରେ ବିଶ୍ୱାସୀକୁ ଧାର୍ମିକ ଗଣନାକାରୀ ବୋଲି ପ୍ରକାଶିତ ହୁଅନ୍ତି । ( ରୋମୀୟ ୩ : ୨୬ ) ।

ମନୁଷ୍ୟଙ୍କୁ ପାପ ନିମନ୍ତେ ପ୍ରଭୁ ଯୀଶୁ ଆପଣାକୁ ଅର୍ପଣ କଲେ, ଏହି ବାର୍ତ୍ତା ସୁସମାଚାରର ଅଟେ । ଯାହାଙ୍କ ଠାରେ ପାପର ଲେଶ ମାତ୍ର ନ ଥିଲା, ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପସ୍ୱରୂପ

କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତା-ସ୍ୱରୂପ ହେଉ । ଆମ୍ଭମାନଙ୍କ ମୁକ୍ତିକର୍ତ୍ତାଙ୍କୁ ଯଦି ଆମେ ଅଗ୍ରାହ୍ୟ କରୁ ତେବେ ଆମ୍ଭମାନଙ୍କ ଗତି କଅଣ ?

## ପାପରୁ ବିମୁକ୍ତି

ବିଶ୍ୱାସ ପରମେଶ୍ୱରଙ୍କ ସହିତ ସୁସମ୍ବନ୍ଧର ପ୍ରଥମ ପାହାଚ 'ଅତଏବ, ବିଶ୍ୱାସ ଶ୍ରବଣରୁ ଜାତ ହୁଏ ଓ ଶ୍ରବଣ ଖ୍ରୀଷ୍ଟଙ୍କ ବାକ୍ୟ ଦ୍ୱାରା ହୁଏ । ( ରୋମୀୟ ୧୦ : ୧୭ ) । ପାପରୁ ମୁକ୍ତ ହେବା ନିମନ୍ତେ ଇଚ୍ଛୁକ ପ୍ରତ୍ୟେକ ବ୍ୟକ୍ତି ପ୍ରଭୁଙ୍କ ବାକ୍ୟ ଶ୍ରବଣ କରିବା ନିତାନ୍ତ ଆବଶ୍ୟକ ।

ପାପରୁ ମୁକ୍ତ ହେବା ନିମନ୍ତେ ଆମ୍ଭମାନଙ୍କୁ ପ୍ରଭୁ ଯୀଶୁଙ୍କୁ ଈଶ୍ୱରଙ୍କ ପୁତ୍ରରୂପେ ସ୍ୱୀକାର କରିବା ଆବଶ୍ୟକ । ତେଣୁ ତୁମ୍ଭେମାନେ ଯେ ଆପଣା ଆପଣା ପାପରେ ମରିବ, ମୁଁ ତୁମ୍ଭମାନଙ୍କୁ ଏହା କହିଲି; କାରଣ ମୁଁ ସେହି ବ୍ୟକ୍ତି, ଏହା ତୁମ୍ଭେମାନେ ବିଶ୍ୱାସ ନ କଲେ ଆପଣା ଆପଣା ପାପରେ ମରିବ । ( ଯୋହନ ୮ : ୨୪ ) । ଶ୍ରବଣ ଓ ବିଶ୍ୱାସ ବିନା ମନୁଷ୍ୟ ପରିତ୍ରାଣ ପାଇବା ଅସମ୍ଭବ । ( ମାର୍କ ୧୬ : ୧୫-୧୬ ) ।

ମନପରିବର୍ତ୍ତନର ଅର୍ଥ ଆମ୍ଭମାନଙ୍କ ହୃଦୟର ପରିବର୍ତ୍ତନ ଯାହା ଆମ୍ଭମାନଙ୍କ ଜୀବନରେ ପ୍ରତିଫଳିତ ହୋଇଥାଏ । ପରନ୍ତୁ ଈଶ୍ୱରଙ୍କ କୃପା ଦ୍ୱାରା ଆମ୍ଭେମାନେ ମନପରିବର୍ତ୍ତନ କରୁ ବୋଲି ବାକ୍ୟ କହେ । 'ଈଶ୍ୱରଙ୍କ କୃପା ଯେ ତୁମ୍ଭକୁ ମନପରିବର୍ତ୍ତନ ଆଡ଼କୁ ନେଇଯିବାକୁ ଚେଷ୍ଟା କରେ, ଏହା କି ଜାଣି ତୁମ୍ଭେ କି ତାହାଙ୍କର କୃପା ଧୈର୍ଯ୍ୟ ଓ ଚିର ସହିଷ୍ଣୁତା ରୂପେ ଧନସବୁ ତୁଚ୍ଛ କରୁଅଛ ? ( ରୋମୀୟ ୨ : ୪ ) ଯୀଶୁରେ ଦଣ୍ଡର ଭୟ ମନପରିବର୍ତ୍ତନ ଆଣେ 'ମୁଁ ତୁମ୍ଭମାନଙ୍କୁ କହୁଅଛି ନା, କିନ୍ତୁ ମନ ପରିବର୍ତ୍ତନ ନ କଲେ ତୁମ୍ଭେମାନେ ସମସ୍ତେ ସେହି ପ୍ରକାରରେ ବିନଷ୍ଟ ହେବ । ( ଲୂକ ୧୩ : ୩ ) ।

( ୧୩ )

ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ ସ୍ୱୀକାର ପରିତ୍ରାଣ ପ୍ରାପ୍ତିର ଅନ୍ୟ ଏକ ପ୍ରକାର । 'ଯେଣୁ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବେ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟପୂର୍ବକ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ । କାରଣ ଧାର୍ମିକତା ପ୍ରାପ୍ତି ନିମନ୍ତେ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ ଓ ପରିତ୍ରାଣ ପ୍ରାପ୍ତି ନିମନ୍ତେ ମୁଖରେ ସ୍ୱୀକାର କରେ ।' ( ରୋମୀୟ ୯ : ୯-୧୦ ) ।

ବାପ୍ତିସ୍ମ ନିଜର ନିକଟ ପ୍ରତ୍ୟେକଙ୍କୁ ତାହାଙ୍କୁ ପରିଧାନ କରାଏ । ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ । ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ । ( ଗାଲାତୀ ୩ : ୨୭ ) । ବାପ୍ତିସ୍ମ ମନୁଷ୍ୟକୃତ ପାପସବୁ ଧୋଇ ଦିଏ । 'ଆଉ, ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ । ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।' ( ପ୍ରେରିତ ୨୨ : ୧୬ ) । ଖ୍ରୀଷ୍ଟଙ୍କଠାରୁ ଦୂରରେ ଥିବା ଆତ୍ମା ବାପ୍ତିସ୍ମ ଦ୍ୱାରା ଖ୍ରୀଷ୍ଟଙ୍କ ଭିତରେ ପ୍ରବେଶ କରିବାକୁ ସୁଯୋଗ ପାଏ ।

ପରିତ୍ରାଣ, ପରମେଶ୍ୱରଙ୍କ ଠାରୁ ଆସିଥିବା ଏକ ମହାନ ଉପହାର ତାହା ସନ୍ଧାନ କରି ଗ୍ରହଣ କର । ସର୍ବଦା ପରମେଶ୍ୱରଙ୍କ ସନ୍ନିଧି ଗମନ କର ଏବଂ ତାହାଙ୍କ ସ୍ୱର୍ଗୀୟ ଆଶୀର୍ବାଦ ସକଳର ଉପଭୋଗକାରୀ ହୁଅ ।

—Charles Box

—o—

# ଶୁଚି ହସ୍ତ ଉତ୍ତୋଳନ

## ( Lifting up Holy Hands )

ଏଣୁ ମୋହର ଇଚ୍ଛା, ପୁରୁଷମାନେ ଶୁଚି ହସ୍ତ ଉତ୍ତୋଳନ କରି କ୍ରୋଧ ଓ ବିତର୍କ ବିନା ସର୍ବତ୍ର ପ୍ରାର୍ଥନା କରନ୍ତୁ । ବୋଲି ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖିଥିଲେ । ( ୧ମ ତୀମଥି ୨:୮) 'ଶୁଚି ହସ୍ତ ଉତ୍ତୋଳନର'ର ଅର୍ଥ କଅଣ ? ପାଉଲ ଏଠାରେ ପ୍ରାର୍ଥନା କରିବା ସମୟରେ ମନୁଷ୍ୟର ଭଙ୍ଗୀ ବିଷୟରେ କହିଅଛନ୍ତି । ବୋଲି ଅନେକ ମନେ କରନ୍ତି । କିନ୍ତୁ ପାଉଲ ମନୁଷ୍ୟର ହୃଦୟର ସ୍ଥିତି ବିଷୟରେ ଏଠାରେ କହି ଅଛନ୍ତି ।

ପ୍ରାର୍ଥନା କରିବା ସମୟରେ ବିଭିନ୍ନ ବ୍ୟକ୍ତି ବିଭିନ୍ନ ଭଙ୍ଗୀରେ ପ୍ରାର୍ଥନା କରିବା ବିଷୟ ଆମ୍ଭେମାନେ ବାକ୍ୟରେ ପଢ଼ିଥାଉଁ । ଯେପରି— ଠିଆ ହୋଇ ( ୧ମ ରାଜାବଳି ୮ : ୨୨ ), ଆଣ୍ଠୁ ପାତି ( ଦାନିୟେଲ ୧୬ : ୧୦ ) ମୁଖପାତି ( ୨ୟ ଶାମୁୟେଲ ୧୨ : ୧୬ ) ହସ୍ତ ଉତ୍ତୋଳନ କରି ( ନିହିମିୟା ୮ : ୬ ) ଉବୁଡ଼ ହୋଇ ( ମାଥିଉ ୨୬ : ୨୮ ), ମୁଣ୍ଡପାତି ( ଯାତ୍ରା ୪ : ୩୧ ) ଊର୍ଦ୍ଧ୍ବ ଦୃଷ୍ଟି କରି ଯୋହନ ୧୭ : ୧ ) ଇତ୍ୟାଦି । ବିଭିନ୍ନ ପ୍ରକାର ଭଙ୍ଗୀରେ ଧାର୍ମିକ ବ୍ୟକ୍ତିମାନେ ପ୍ରାର୍ଥନା କରିବା ଥିବାରୁ କୌଣସି ଏକ ଭଙ୍ଗୀ ହିଁ ପ୍ରଭୁଙ୍କ ଗ୍ରାହ୍ୟ ବୋଲି ଆମ୍ଭେ କହି ନପାରୁ । ଧାର୍ମିକମାନଙ୍କ ବିନତି ପ୍ରତି ପ୍ରଭୁଙ୍କ ଦୃଷ୍ଟି ଥାଏ କିନ୍ତୁ ସେମାନଙ୍କ ଶାରୀରିକ ଭଙ୍ଗୀରେ ନୁହେଁ ।

—୦—

କୌଣସି କାର୍ଯ୍ୟ କରିବା ନିମନ୍ତେ (୧ମ ଥେସଲନୀକ ୪-୧୧)। ଲେଖିବା ନିମନ୍ତେ, (କଲସୀ ୨ : ୧୪) ନିର୍ମାଣ ନିମନ୍ତେ (ମାର୍କ ୧୮ : ୫୮), ଯୁଦ୍ଧ କରିବା ନିମନ୍ତେ ମନୁଷ୍ୟ ଆପଣା ହସ୍ତ ବ୍ୟବହାର କରେ। ତେଣୁ କର ହସ୍ତ ମନୁଷ୍ୟର କାର୍ଯ୍ୟର ଚିହ୍ନସ୍ୱରୂପ ଅଟେ। (ଆଦି ୧୬-୨, ମାଥିଉ ୭-୩, ମାର୍କ ୯ : ୪୩)। ସେହିପରି ଆମ୍ଭମାନଙ୍କ ଅଶୁଚି ବ୍ୟବହାର, ଅଶୁଚି ବା ମନ୍ଦ କାର୍ଯ୍ୟ ଆମ୍ଭମାନଙ୍କ ହୃଦୟରୁ ବାହାରି ପଡ଼େ ବୋଲି। (ମାଥିଉ ୧୨ : ୩୪-୩୫, ମାର୍କ ୭ : ୨୦-୨୩)। ଅପରାଧମାନଙ୍କ ହସ୍ତ 'ଅଶୁଚି' ବୋଲି ଯିଶାଇୟ ୧-୧୫, ଯିହିଜିକଲ ୩ : ୧୮-୨୦। ଯାକୁବ ୪-୮ ପଦରେ କୁହାଯାଇ ଅଛି। ହସ୍ତ ପ୍ରକ୍ଷାଳନ କରିବାର ଅର୍ଥ ପାପରୁ ମୁକ୍ତ ହେବା ବୋଲି ଦ୍ୱି : ବି ୨୧ : ୬-୯, ଗୀତ ୧୬ : ୬; ଯାକୁବ ୪-୮ ପଦରୁ ଜାଣିପାରୁ। ଯୀଶୁଖ୍ରୀଷ୍ଟଙ୍କ ରକ୍ତପାତରେ ଆପଣାକୁ ନିର୍ଦ୍ଦୋଷ ଦେଖାଇବା ନିମନ୍ତେ ପୀଲାତ ଜନସମୂହ ସାକ୍ଷାତରେ ହସ୍ତ ପ୍ରକ୍ଷାଳନ କରିଥିଲେ, (ମାଥିଉ ୨୭ : ୨୪)।

। (୧୮- ଶୁଚିହସ୍ତ ଉତ୍ତୋଳନ କରିବାର ଅର୍ଥ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପବିତ୍ର, ଶୁଦ୍ଧ ଓ ପବିତ୍ର ଜୀବନ ଉତ୍ସର୍ଗ କରିବା ଦ୍ୱାରା ମନୁଷ୍ୟର ପ୍ରାର୍ଥନା ଈଶ୍ୱରଙ୍କଠାରେ ଗ୍ରାହ୍ୟ ଯୋଗ୍ୟ ହୁଏ। ବାହ୍ୟିକ ଭାବେ ହସ୍ତ ଉତ୍ତୋଳନ କରିବା ଅଥବା ପାଦୁକ ଭୂମିରେ ଦେବା ଉପରେ ଈଶ୍ୱରଙ୍କ ଦୃଷ୍ଟି ନଥାଏ। ଆମ୍ଭମାନଙ୍କ ଅପରାଧ ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ପରମେଶ୍ୱର ମଧ୍ୟରେ ପ୍ରାଚୀର ହୋଇଥାଏ।

ଯିଶାଇୟ ଭାବବାଦୀଙ୍କ ଦ୍ୱାରା ପରମେଶ୍ୱର କହନ୍ତି, ପୁଣି ତୁମ୍ଭେମାନେ ଆପଣାମାନଙ୍କର ହସ୍ତ ପ୍ରସାରି କଲାବେଳେ ଆମ୍ଭେ ତୁମ୍ଭମାନଙ୍କ ଠାରେ ଆପଣା ଚକ୍ଷୁ ଆଚ୍ଛାଦନ କରିବା, ଅଧିକନ୍ତୁ,

ତୁମ୍ଭେମାନେ ଅନେକ ପ୍ରାର୍ଥନା କଲାବେଳେ ଆମ୍ଭେ ଶୁଣିବା ନାହିଁ । ତୁମ୍ଭମାନଙ୍କ ହସ୍ତ ରକ୍ତରେ ପରିପୂର୍ଣ୍ଣ । ତୁମ୍ଭେମାନେ ଆପଣାମାନଙ୍କୁ ଧୌତ କର, ଆପଣାମାନଙ୍କୁ ଶୁଚି କର, ଆମ୍ଭ ଦୃଷ୍ଟିରୁ ଆପଣାମାନଙ୍କର କ୍ରିୟାର ମନ୍ଦତା ଦୂର କର, କୁକ୍ରିୟା କରିବାରୁ ନିବୃତ୍ତ ହୁଅ । (ଯିଶାଇୟ ୧ : ୧୫-୧୭) 'ଶୁଚି ହସ୍ତ ଉତ୍ତୋଳନ' କରିବାର ଅର୍ଥ ସମସ୍ତ ଶରୀର, ମନ, ହୃଦୟ ଓ ଆତ୍ମା ତାହାଙ୍କୁ ଅର୍ପଣ କରିବା । ଯଦି ମନୁଷ୍ୟର ଆତ୍ମିକ ହସ୍ତ ଅଶୁଚି ଅଟେ କେବଳ ଖ୍ରୀଷ୍ଟଙ୍କ ରକ୍ତ ହିଁ ତାହା ଧୌତ କରିପାରେ । ( ପ୍ରକାଶିତ ୧ ୫ ) ।

ମନୁଷ୍ୟ ଶୁଦ୍ଧ, ପବିତ୍ର ହୃଦୟ ସହିତ ତାହାଙ୍କ ନିକଟରେ ପ୍ରାର୍ଥନା କରିବା ପ୍ରଭୁ ଚାହାନ୍ତି । ( ଲେମୀୟ ୧୬-୩୧ ! ) ମନୁଷ୍ୟର ଶାରୀରିକ ହସ୍ତ ଯେତେ ମଇଳା ଥିଲେ ମଧ୍ୟ ଆତ୍ମିକ ହସ୍ତ ଶୁଚିଥିଲେ ତାହାର ପ୍ରାର୍ଥନା ଈଶ୍ବରଙ୍କ ଗ୍ରାହ୍ୟଯୋଗ୍ୟ । (୧ମ ପିତର ୩-୧୨) ।

Kevin Moore

—0—

# TODAY

**Heb. 13:8**

**INTRODUCTION :**

1. We are not interested primarily in what took place yesterday or what will take place tomorrow but now we are concerned about today.
2. Friends, it is that which is done today that is going to count on the morrow.
3. Since the scriptures have some what to say along this line then please consider this theme in all seriousness.

**DISCUSSION :**

**A. Hear the Lord today (Heb. 3:7-9).**

1. God has asked that we hear his Son (Matt. 17:5).
2. One must hear the truth for faith to be produced (Rom. 10:17).

**B. Obey God today (2Cor. 6:2).**

1. Obey the gospel while you have the time and the opportunity (Mk. 16:16).
2. Be like the eunuch and obey the gospel on the spot (Acts. 8:26-39).

**C. Exhort others today (Heb. 3:12, 13).**

1. Must do this to keep from being lost (2 Tim. 4:2).
2. To do this in order that others may be saved (1Tim. 4:16).

**D. The Christian must work today (Matt. 21:28).**

1. To abound always in the work of the Lord (1Cor. 15:58).
2. Must do this to work out your salvation (Phil. 2:12).

**E. Boast not of today (James 4:13, 14).**

1. This life will soon be over (Heb. 9:27).
2. Should be ready to go at all times (Rev. 2:10).

**E. Christ is the same today (Heb. 13:8).**

1. He is still the way (John 14:6).
2. He is still inviting people (Matt. 11:28-30).

**CONCLUSION :**

1. Friends, today is the day to pray, study, love, help the poor, practice pure religion, and so on.
2. Must get busy because today will soon be gone and it can never be recalled.
3. What you do today may determine where you spend eternity.

**- J. C. Choate.**

---

**From**
**SATYA VANI**
P.o. Box 80
KAKINADA - 533 001

**Printed Book only**

**To**

(FOR PRIVATE CIRCULATION ONLY)